
# ଅଂଶଗ୍ରହଣକାରୀଙ୍କ ହ୍ୟାଣ୍ଡବୁକ୍



## ଫିଲ୍ଡ ବୈଷୟିକ : AC

**Oriya**
(Participant Handbook

**Field Technician: Air conditioner**

- SECTOR: ELECTRONICS
- SUB-SECTOR: CONSUMER ELECTRONICS
- OCCUPATION:AFTER SALES SERVICE
- REFERENCE ID: ELE/Q3102

IL&FS | Skills

N·S·D·C
National
Skill Development
Corporation

# ସୂଚୀପତ୍ର

ସ୍ୱାଗତ ପତ୍ର .................... 1
ସାଧାରଣ ନିର୍ଦ୍ଦେଶାବଳୀଗୁଡ଼ିକ .................... 3
ଏହି ମାନୁଆଲ୍‌ରେ ବ୍ୟବହୃତ ସଂକେତଗୁଡ଼ିକ .................... 4
ମଡ୍ୟୁଲ୍‌ସ
ଆର୍‌ଏସି ଇଣ୍ଡଷ୍ଟ୍ରି ଦୃଷ୍ଟିପାତ.................... 5
ଆର୍‌ଏସି ସର୍ଭିସ୍ ଆସିଷ୍ଟାଂଟ୍‌ଙ୍କ ଭୂମିକା ଓ ଦାୟିତ୍ୱ.................... 9
ଶୃଙ୍ଖଳା .................... 16
ରେଫ୍ରିଜେରେସନ୍ ପ୍ରକ୍ରିୟା .................... 21
ଇଲେକ୍ଟ୍ରିସିଟିର ବିଷୟବସ୍ତୁ .................... 28
ରେଫ୍ରିଜେରେଟର୍‌ରେ ଇଲେକ୍ଟ୍ରିକାଲ୍ ପାର୍ଟସ୍ .................... 34
ଏସିରେ ଇଲେକ୍ଟ୍ରିକାଲ୍ ଓ ଇଲେକ୍ଟ୍ରୋନିକ୍ ପାର୍ଟସ୍ .................... 43
ବହୁଳ ଭାବେ ବ୍ୟବହୃତ ଟୁଲ୍‌ସ .................... 50
ଉପଭୋକ୍ୟ ଟୁଲ୍‌ସ .................... 63
ପାୱାର ଟୁଲ୍‌ସ ଓ ସେଗୁଡ଼ିକର ବ୍ୟବହାର .................... 69
ମାପକ (ମେଜରିଙ୍ଗ୍) ଟୁଲ୍‌ସ ଓ ସେଗୁଡ଼ିକର ବ୍ୟବହାର .................... 79
ଟୁଲ୍‌କିଟ୍‌ର ରକ୍ଷଣାବେକ୍ଷଣ.................... 84
ଟୁଲ୍‌ସ ବ୍ୟବହାର ସମୟରେ କ'ଣ କରିବେ ଓ କ'ଣ କରିବେ ନାହିଁ .................... 89
ସର୍ଭିସ ସେଂଟର ଟୁଲ୍‌ସ ଓ ସେଗୁଡ଼ିକର ବ୍ୟବହାର .................... 94
କାର୍ଯ୍ୟକାରିତା ନିୟମ ଓ ଏସିର ପ୍ରକାରଭେଦ .................... 104
ମନୋଭାବ .................... 112
ଏସି ସିଷ୍ଟମ୍‌ର ପରିବହନ, ସ୍ଥାପନ ଓ ସଂପାଦନ .................... 117
ଉଇଣ୍ଡୋ ଏସି ସ୍ଥାପନ କରିବେ କିପରି .................... 122
ସ୍ପ୍ଲିଟ୍ ଏସି ସ୍ଥାପନ କରିବେ କିପରି .................... 128
ଏସି ପାଇଁ ଡେମୋ କରିବେ କିପରି ଏସି .................... 138
ପାଇଁ ଆର୍‌ଏସି ଟେକ୍‌ନିସିଆନ୍‌ଙ୍କ ଚେକ୍‌ଲିଷ୍ଟ .................... 144
ପ୍ରସ୍ତୁତି .................... 150
ଏସିର ସର୍ଭିସ ପ୍ରଦାନ କରିବେ କିପରି .................... 157

2011 © IL&FS Skills Development Corporation Limited

ଏସିର ସାଧାରଣ ସମସ୍ୟାର ନିରୂପଣ ....................166
କାର୍ଯ୍ୟକାରୀ ନିୟମ ଓ ରେଫ୍ରିଜେରେଟର୍‌ର ପ୍ରକାର ....................174
ରେଫ୍ରିଜେରେଟର୍ କିପରି ନେବେ ଓ ପ୍ୟାକ୍ ଖୋଲିବେ ....................180
ସମୟ ପରଚାଳନା ....................185
ରେଫ୍ରିଜେରେଟର୍ କିପରି ସ୍ଥାପନ କରିବେ ....................191
ରେଫ୍ରିଜେରେଟର୍ ପାଇଁ କିପରି ଡେମୋ ଦେଖାଇବେ ....................196
ରେଫ୍ରିଜେରେଟର୍ ପାଇଁ ଆର୍‌ଏସି ଟେକ୍‌ନିସିଆନ୍‌ଙ୍କ ଚେକ୍‌ଲିଷ୍ଟ ....................201
ଯୋଗାଯୋଗ ଦକ୍ଷତା ରେଫ୍ରିଜେରେଟର୍‌ର ସାଧାରଣ ସମସ୍ୟାର ନିରୂପଣ ....................207
ରେଫ୍ରିଜେରେଟର୍‌ର ସାଧାରଣ ସମସ୍ୟାର ନିରୂପଣ ....................212
କ୍ରୋଧ ପରିଚାଳନା ....................220
ସାଧାରଣ ସୁରକ୍ଷା ନିୟମ ....................227
ଦୁର୍ଘଟଣା ଅପେକ୍ଷା ସଚେତନତା ଭଲ ....................233
ପ୍ରାଥମିକ ଚିକିତ୍ସା (ଫାଷ୍ଟଏଡ୍) ....................240
ଅଗ୍ନିକାଣ୍ଡ ରୋକିବେ କିପର ....................247
ମାନସିକ ଚାପ ନିୟନ୍ତ୍ରଣ ....................252
ସେବା ଶିଷ୍ଟାଚାର ....................258
ମାନ୍ଦ ଯୁଚ୍ଛ ସେବ ....................263
ୟୁଜର୍ ୟୁଜର୍ ମାନୁଆଲ୍ ସହିତ ପରିଚିତ ହେବା ....................268
ସଠିକ୍ ବିଫଳତା (ଫେଲ୍ଲୁଅର) ରିପୋର୍ଟ ବାହାର କରିବା ....................274
ୱାର୍କସପ୍ ମରାମତି (ରିପାୟାର୍ସ) ....................278
ସାକ୍ଷାତକାର ପାଇଁ ପ୍ରସ୍ତୁତି ଓ ନିଜର ରିଜ୍ୟୁମ୍ ତିଆରି କରିବା ....................282
ସଫ୍ଟସ୍କିଲ ....................288
ଅଂଶଗ୍ରହଣକାରୀଙ୍କ ମତାମତ ଟିପ୍ପଣୀ ....................296

# ସ୍ୱାଗତ ପତ୍ର

ପ୍ରିୟ ଅଂଶଗ୍ରହଣକାରୀ

ଏହି ଟ୍ରେନିଂ କାର୍ଯ୍ୟକ୍ରମକୁ ଆପଣଙ୍କୁ ସ୍ୱାଗତ। କାର୍ଯ୍ୟକ୍ରମର ସମାପ୍ତି ଦ୍ୱାରା ଆପଣ ଜଣେ ଆର୍‌ଏସି ସର୍ଭିସ୍ ଆସିଷ୍ଟାଂଟ୍ ହେବେ।

## ଆର୍‌ଏସି ସର୍ଭିସ୍ ଆସିଷ୍ଟାଂଟ୍‌ଙ୍କ କାର୍ଯ୍ୟ

ଜଣେ ଆର୍‌ଏସି ସର୍ଭିସ୍ ଆସିଷ୍ଟାଂଟ୍ ଭାବେ ଆପଣଙ୍କର କାର୍ଯ୍ୟଗୁଡ଼ିକ ନିମ୍ନରେ ଦିଆଗଲା :

- କାରଖାନା/ଶୋରୁମ୍‌ରୁ ଗ୍ରାହକଙ୍କ ପର୍ଯ୍ୟନ୍ତ ୟୁନିଟ୍‌ର ପରିବହନ
- ଲଗାଇବା ପାଇଁ ୟୁନିଟ୍‌କୁ ପ୍ୟାକ୍‌ରୁ ଖୋଲିବା ନ୍ତ
- ୟୁନିଟ୍‌ର ସ୍ଥାପନ ନ୍ତ
- ଗ୍ରାହକଙ୍କୁ ପ୍ରଦର୍ଶିତ କରିବା ନ୍ତ
- ଉତ୍ପାଦ ସଂପର୍କରେ ଗ୍ରାହକଙ୍କୁ ଜଣାଇବା ଓ ଏହା କିପରି କାର୍ଯ୍ୟ କରେ ବୁଝାଇବା ନ୍ତ
- ଗ୍ରାହକଙ୍କ ଅନୁରୋଧ ଉପରେ ୟୁନିଟ୍‌ର ସର୍ଭିସିଙ୍ଗ୍ ନ୍ତ
- ଉତ୍ପାଦ ସମ୍ବନ୍ଧିତ ସମସ୍ୟାଗୁଡ଼ିକର ନିବାରଣ ନ୍ତ
- ସମସ୍ୟା ସଂପର୍କରେ ଗ୍ରାହକଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରିବା।

## ଜଣେ ଆର୍‌ଏସି ସର୍ଭିସ୍ ଆସିଷ୍ଟାଂଟ୍‌ଙ୍କର ଆବଶ୍ୟକ ଦକ୍ଷତା

ନିଜର କାର୍ଯ୍ୟଗୁଡ଼ିକ ପ୍ରଭାବଶାଳୀ ଭାବେ କରିବା ପାଇଁ, ଆପଣଙ୍କୁ ଏହି ଦକ୍ଷତାଗୁଡ଼ିକର ବିକାଶ କରିବାକୁ ହେବ:

- ଉତ୍ପାଦର ପରିବହନ ଲାଗି କାର୍ଟୁନ୍‌ରେ ରହିଥିବା ଚିହ୍ନ ଓ ସଂକେତଗୁଡ଼ିକ ଉପରେ ଜ୍ଞାନ
- ପାୱାର ଟୁଲ୍‌ସ ଓ ସର୍ଭିସ୍ ସେଂଟର୍ ଟୁଲ୍‌ସ ବ୍ୟବହାର କରିବା ଲାଗି ଉପଯୁକ୍ତ ଦକ୍ଷତା
- ରେଫ୍ରିଜେରେସନ୍ ପ୍ରକ୍ରିୟା ଉପରେ ଧାରଣା
- ରେଫ୍ରିଜେରେଟର / ଏୟାର୍ କଣ୍ଡିସନର୍ ସର୍ଭିସ୍ କରିବା ପାଇଁ ଦକ୍ଷତ।
- ରେଫ୍ରିଜେରେଟର / ଏୟାର୍ କଣ୍ଡିସନର୍ ପ୍ରତି ସମ୍ବନ୍ଧିତ ସମସ୍ୟାଗୁଡ଼ିକର ଚିହ୍ନଟ ଓ ଦୂରୀକରଣ ପାଇଁ ଜ୍ଞାନ ଓ ଦକ୍ଷତା
- ଉତମ ଯୋଗାଯୋଗ ଦକ୍ଷତା
- ଗ୍ରାହକଙ୍କୁ ସମ୍ମାନ ପ୍ରଦର୍ଶନ।

ଏହି ପୁସ୍ତକରେ ଆପଣଙ୍କୁ କ୍ୟାରିୟର୍‌ରେ ସଫଳତା ଅର୍ଜନ କରିବା ପାଇଁ ଆବଶ୍ୟକ ଦକ୍ଷତାଗୁଡ଼ିକର ବିକାଶ ନିମନ୍ତେ ପ୍ରଯୁଜ୍ୟ ସମସ୍ତ ବିଭାଗ ଦିଆଯାଇଛି । ପ୍ରତ୍ୟେକ ବିଭାଗ (ମଡ୍ୟୁଲ୍) ମୁଖ୍ୟ ଶିକ୍ଷା ସହିତ ଗଠିତ ଓ ସଂଗଠିତ ହୋଇ ସମାପ୍ତ ହୋଇଛି । ଏଥିସହିତ ଏକ ୱାର୍କସିଟ୍ ଦିଆଯାଇଛି ଯାହାକୁ ଆପଣ ନିଜର ଜ୍ଞାନ ପରୀକ୍ଷା ପାଇଁ ବ୍ୟବହାର କରିପାରିବେ ।

ଶୁଭ କାମନା!



2011 © IL&FS Skills Development Corporation Limited

# ସ୍ପ୍ଲିଟ୍ ଏସି ସ୍ଥାପନ କରିବେ କିପରି

6 ଘଂଟା 50 ମିନିଟ୍

ଏହି ମଡ୍ୟୁଲ୍‌ର ଶେଷରେ ଆପଣ ସକ୍ଷମ ହେବେ:

- ଏକ ସ୍ପ୍ଲିଟ୍ ଏସି ଲଗାଇବା ।

| ସେସନ୍ ପ୍ଲାନ୍ | |
|---|---|
| 1 | ମଡ୍ୟୁଲ୍ ବିବରଣୀ |
| 2 | ଏକ ସ୍ପ୍ଲିଟ୍ ଏସିର ଇନ୍‌ଡୋର ୟୁନିଟ୍‌କୁ କିପରି ଲଗାଇବା |
| 3 | ଏକ ସ୍ପ୍ଲିଟ୍ ଏସିର ଆଉଟ୍‌ଡୋର ୟୁନିଟ୍‌କୁ କିପରି ଲଗାଇବା |
| 4 | ୟୁନିଟ୍‌କୁ କାର୍ଯ୍ୟକ୍ଷମ କରିବା ଲାଗି ପ୍ରସ୍ତୁତ କରିବା |
| 5 | ମୁଖ୍ୟ ଶିକ୍ଷା |
| 6 | ଓ୍ୱାର୍କସିଟ୍ |

## ମଡ୍ୟୁଲ୍ ବିବରଣୀ

ଜଣେ ଆର୍‌ଏସି ଟେକ୍‌ନିସିଆନ୍‌ଙ୍କ କାର୍ଯ୍ୟରେ ସ୍ପ୍ଲିଟ୍ ଏୟାର୍ କଣ୍ଡିସନର୍ ଇନ୍‌ଷ୍ଟଲ କରିବା ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଯଦି ଏହା ସଠିକ୍ ଭାବେ କରାଯାଇଛି, ତେବେ ଏୟାର କଣ୍ଡିସନର୍ ଅନୁକୂଳତମ ପ୍ରଦର୍ଶନ ଦେବ, ନଚେତ୍ ଚାହୁଁଥିବା କୁଲିଙ୍ଗ୍ ଇଫେକ୍ଟ ମିଳିବ ନାହିଁ ଓ ବାରମ୍ବାର ରକ୍ଷଣାବେକ୍ଷଣ ସମସ୍ୟା ଦେଖାଦେବ । ଏଣୁକରି, ଆର୍‌ଏସି ଟେକ୍‌ନିସିଆନ୍ ସ୍ପ୍ଲିଟ୍ ଏସି ଲଗାଇବାର ପଦ୍ଧତିକୁ ଭଲ ଭାବେ ଶିଖିବା ଆବଶ୍ୟକ। ଏହି ମଡ୍ୟୁଲ୍‌ରେ ଆମେ ସ୍ପ୍ଲିଟ୍ ଏସି ଲଗାଇବାର ପଦ୍ଧତି ଶିଖିବା ।

## ଏକ ସ୍ପ୍ଲିଟ୍ ଏସିର ଇନ୍‌ଡୋର ୟୁନିଟ୍‌କୁ କିପରି ଲଗାଇବା

ପ୍ରଥମେ ଆମେ ଏକ ସ୍ପ୍ଲିଟ୍ ଏସିର ଇନ୍‌ଡୋର ୟୁନିଟ୍ ଇନ୍‌ଷ୍ଟଲ୍ କରିବ । ଆବଶ୍ୟକ। ନିମ୍ନରେ ଦିଆଯାଇଥିବା ସବିଶେଷ ପଦ୍ଧତିକୁ ଅନୁସରଣ କରନ୍ତୁ:

**ପର୍ଯ୍ୟାୟ 1**

ଇନ୍‌ଡୋର ୟୁନିଟ୍ ଲାଗିବାକୁ ଥିବା ସ୍ଥାନକୁ ଚିହ୍ନଟ କରନ୍ତୁ ।

- ଯେଉଁଠି ଇନ୍‌ଡୋର ୟୁନିଟ୍ ଲାଗିବ ସେହି ସ୍ଥାନଟି ଦେଖାଇବା ପାଇଁ ଗ୍ରାହକଙ୍କୁ କୁହନ୍ତୁ ।
- ଯେଉଁ ପାୱାର ସକେଟରୁ କନେକ୍ସନ୍ ନିଆଯିବ ତାହା ଦେଖାଇବା ପାଇଁ ଗ୍ରାହକଙ୍କୁ କୁହନ୍ତୁ ।
- କରାଯିବାକୁ ଥିବା ଗଠନମୂଳକ ପରିବର୍ତ୍ତନଗୁଡ଼ିକ ସଂପର୍କରେ ଗ୍ରାହକଙ୍କୁ ସୂଚନା ଦିଅନ୍ତୁ, ଯେପରିକି କାନ୍ଥରେ 3 ଇଂଚ୍‌ର ହୋଲ୍, ଚିପ୍ପିଙ୍ଗ, ଡ୍ରିଲିଙ୍ଗ୍, ଇଲେକ୍ଟ୍ରିକାଲ ଓୟାରିଙ୍ଗ୍ ଓ ବ୍ରେଜିଙ୍ଗ୍ ଇତ୍ୟାଦି କରାଯିବ । ଏସବୁ କାର୍ଯ୍ୟଗୁଡ଼ିକ କରିବା ପୂର୍ବରୁ ଗ୍ରାହକଙ୍କ ଅନୁମତି ନିଅନ୍ତୁ ।
- ଇନ୍‌ଡୋର ୟୁନିଟ୍‌ର ପାର୍ଶ୍ୱ ଓ ଉପରୁ ଅତି କମ୍‌ରେ 6 ଇଂଚ୍ (15 ସେମି) ମୁକ୍ତ ସ୍ଥାନ ଅଛି କି ନାହିଁ ଯାଂଚ୍ କରନ୍ତୁ । ଏଥିସହିତ, ଭୂମିଠାରୁ ଅତି କମ୍‌ରେ 6 ଫୁଟ୍ ଉଚ୍ଚରେ ଇନ୍‌ଡୋର ୟୁନିଟ୍ ଇନ୍‌ଷ୍ଟଲ ହେବା ଆବଶ୍ୟକ।

### ପର୍ଯ୍ୟାୟ 2

ପାୱାର ସକେଟ୍‌ର ଓୟାରିଂ ଯାଂଚ୍ କରନ୍ତୁ ।

- ନିଶ୍ଚିତ ହୁଅନ୍ତୁ ଯେ ବ୍ୟବହାର ଅନୁସାରେ ଇଲେକ୍ଟ୍ରିକାଲ ଓୟାର୍‌ର ସାମର୍ଥ୍ୟ ରହିଛି ।
- ଉପଯୁକ୍ତ ଭାବେ ଆର୍ଥିଙ୍ଗ୍ ହୋଇଥିବା ନେଇ ନିଶ୍ଚିତ ହୁଅନ୍ତୁ ।

### ପର୍ଯ୍ୟାୟ 3

ଇନ୍‌ଷ୍ଟଲେସନ୍ ସ୍ଥାନରୁ ମିଟର ପଏଂଟ୍ ପ୍ରତି ଫ୍ୟୁଜ୍ ଶକ୍ତିର ଯାଂଚ୍ କରନ୍ତୁ ।

- ଏହା ଇନ୍‌ଷ୍ଟଲେସନ୍‌ରେ କମ୍ ଓ ମିଟର ଲେଵୁଲ୍‌ରେ ଅଧିକ ହେବା
- ଫ୍ୟୁଜ୍ ଶକ୍ତି ଧାର୍ଯ୍ୟ କାପାସିଟିର 225% ହୋଇଥିବ ।

### ପର୍ଯ୍ୟାୟ 4

ସ୍କ୍ରିଉ ପାଇଁ ହୋଲ କରିବା ।

- କାନ୍ଥ ପ୍ରତି ପ୍ଲେଟ୍‌କୁ ଧରି ରଖନ୍ତୁ ।
- ପ୍ଲେଟ୍‌କୁ ଉଭୟ ଅନୁପ୍ରସ୍ଥ (ହରିଜୋଂଟାଲ) ଓ ଭୂଲମ୍ବ (ଭର୍ଟିକାଲ) ଭାବେ ରଖିବା ପାଇଁ ସ୍ପିରିଟ୍ ଲେଵୁଲ୍‌ର ବ୍ୟବହାର କରନ୍ତୁ ।
- ସ୍କ୍ରିଉଗୁଡ଼ିକ ପାଇଁ ହୋଲ୍ ଚିହ୍ନ ଦିଅନ୍ତୁ ।
- କାନ୍ଥ ଉପରେ ପ୍ଲେଟ୍‌କୁ ଦୃଢ଼ ଭାବେ ଲଗାଇବା ପାଇଁ ଉପଯୁକ୍ତ ଚିହ୍ନ ଠାରେ ହୋଲ୍ କରନ୍ତୁ ।
- ହୋଲ୍‌ଗୁଡ଼ିକରେ ପ୍ଲାଷ୍ଟିକ୍ ଆଙ୍କର୍ସ ଲଗାନ୍ତୁ ।ଷ

### ପର୍ଯ୍ୟାୟ 5

ଇନ୍‌ଡୋର ୟୁନିଟ୍‌ରେ ଧାତବ ପ୍ଲେଟ୍ ଫିକ୍ସ କରନ୍ତୁ ।

- ଚିହ୍ନିତ ସ୍ଥାନଗୁଡ଼ିକ ଅନୁସାରେ କାନ୍ଥ ଉପରେ ଧାତବ ପ୍ଲେଟ୍ ଲଗାନ୍ତୁ ।
- ଚିହ୍ନିତ ସ୍ଥାନଗୁଡ଼ିକରେ ସ୍କ୍ରିଉଗୁଡ଼ିକ ଟାଇଟ୍ କରନ୍ତୁ ।
- ସ୍ପିରିଟ୍ ଲେଵୁଲ୍ ସାହାଯ୍ୟରେ ଧାତବ ପ୍ଲେଟ୍‌ର ସଠିକ୍ ଭୂଲମ୍ବ ବିନ୍ଦୁକୁ ଯାଂଚ୍ କରନ୍ତୁ, ଲେଵୁଲ ଦେଖିବା ପାଇଁ ଏକ ମେଜରିଙ୍ଗ୍ ଉପକରଣ ବ୍ୟବହାର କରନ୍ତୁ ।



2011 © IL&FS Skills Development Corporation Limited

### ପର୍ଯ୍ୟାୟ 6

କାନ୍ଥରେ ପାଇପ୍ ଲଗାଇବା ପାଇଁ ଗାତ କରନ୍ତୁ ।

- ହୋଲ୍ ପାଇଁ ଭଲ ସ୍ଥାନ ଖୋଜନ୍ତୁ, ପାଇପ୍‌ର ଲମ୍ବ କଥା ମନରେ ରଖନ୍ତୁ, ଯାହାକି ଏହା ଇନ୍‌ଡୋର ୟୁନିଟ୍‌ରୁ ପହଂଚିବା ଦରକାର ।
- କାନ୍ଥ ଭିତରେ ହୋଲ୍ କରିବା ପାଇଁ କଂକ୍ରିଟ୍ ଡ୍ରିଲ୍ ବ୍ୟବହାର କରନ୍ତୁ। ହୋଲ୍‌ଟି 3 ଇଂଚ୍ (7.5 ସେମି)ରୁ ଅଧିକ ବ୍ୟାସବିଶିଷ୍ଟ ହେବ ନାହିଁ ଏବଂ ବାହାରକୁ ତଳ ପଟକୁ ଢଳିବା ଆବଶ୍ୟକ ।
- ହୋଲ୍ ଭିତରେ ନମନୀୟ ପାଇପ୍ ଲଗାନ୍ତୁ।

### ପର୍ଯ୍ୟାୟ 7

ପାଇପ୍ ଯୋଡ଼ିବା ।

- ଇନ୍‌ଡୋର ୟୁନିଟ୍‌ରୁ ଇନ୍‌ସୁଲେସନ୍ ସହିତ ପାଇପିଙ୍ଗ୍‌କୁ କାନ୍ଥରେ ଖୋଲା ଯାଇଥିବା ହୋଲ୍ ମଧ୍ୟରେ ନିଅନ୍ତୁ ।
- ଇଲେକ୍ଟ୍ରିକାଲ ଟେପ୍‌ରେ ତମ୍ବା ପାଇପ୍, ଡ୍ରେନ୍ ପାଇପ୍ ଓ ପାୱାର କେବୁଲ୍‌କୁ ଏକାଠି ବାନ୍ଧନ୍ତୁ । ଡ୍ରେନ୍ ପାଇପ୍‌କୁ ତଳେ ରଖି ପାଣି ମୁକ୍ତ ଭାବେ ବୋହିବା ନେଇ ନିଶ୍ଚିତ ହୁଅନ୍ତୁ । ଡ୍ରେନ୍ ପାଇପ୍ ସର୍ବଦା ଉଚ୍ଚରୁ ନିମ୍ନ ସ୍ତରକୁ ରହିବ ଯେପରିକି ପାଣି ତା ବାଟରେ ଯିବ ।
- ପାଇପ୍ କ୍ୟାପ୍ କାଢ଼ନ୍ତୁ ଓ ଯଦି କିଛି ମଇଳା ଲାଗିଥାଏ ବାହାର କରନ୍ତୁ ।
- ଇନ୍‌ଡୋର ୟୁନିଟ୍ ସହିତ ପାଇପ୍‌କୁ ଲଗାନ୍ତୁ । 2ଟି ରେଂଚ୍ ବ୍ୟବହାର କରନ୍ତୁ, କନେକ୍ସନ୍ ଟାଇଟ୍ କରିବା ପାଇଁ ବିପରୀତ ଦିଗରେ ମୋଡ଼ନ୍ତୁ ।
- ଇନ୍‌ଡୋର ୟୁନିଟ୍ ବେସ୍ ସହିତ ୱାଟର୍ ଡ୍ରେନେଜ୍ ପାଇପ୍‌କୁ ଯୋଡ଼ନ୍ତୁ ।
- କାନ୍ଥରେ ହୋଲ ମଧ୍ୟ ଦେଇ ବନ୍ଧା ହୋଇଥିବା ପାଇପ୍ ଓ କେବୁଲ୍‌କୁ ନିଅନ୍ତୁ । ଧ୍ୟାନ ଦିଅନ୍ତୁ ଯେପରି ଡ୍ରେନେଜ୍ ପାଇପ୍ ଉପଯୁକ୍ତ ସ୍ଥାନକୁ ପାଣି ବାହାରିଯିବା ଲାଗି ସୁବିଧା ଦେବ ।

### ପର୍ଯ୍ୟାୟ 8

ମାଉଟିଙ୍ଗ୍ ପ୍ଲେଟ୍ ଉପରେ ଇନ୍‌ଡୋର ୟୁନିଟ୍‌କୁ ସୁରକ୍ଷିତ ଭାବେ ଲଗାନ୍ତୁ ।

## ଏକ ସ୍ପ୍ଲିଟ୍ ଏସିର ଆଉଟ୍‌ଡୋର ୟୁନିଟ୍‌କୁ କିପରି ଲଗାଇବା

ଏକ ସ୍ପ୍ଲିଟ୍ ଏସିର ଆଉଟ୍‌ଡୋର ୟୁନିଟ୍ ଲଗାଇବାର ପଦ୍ଧତି ନିମ୍ନରେ ଦିଆଗଲା ।

### ପର୍ଯ୍ୟାୟ 1

ଆଙ୍ଗେଲ୍ ଫ୍ରେମ୍ ପ୍ରସ୍ତୁତ କରନ୍ତୁ ।

- ସପ୍ଲାୟର୍ ନିର୍ଦ୍ଦେଶାବଳୀ ଅନୁସାରେ ଆଙ୍ଗେଲ୍ ଫ୍ରେମ୍ ପ୍ରସ୍ତୁତ କରନ୍ତୁ ।
- ଏମ୍.ଏସ୍. ଆଙ୍ଗେଲ୍ ଫ୍ରେମ୍‌ର ତଳେଇ ପଟ ପ୍ରସ୍ତୁତ କରନ୍ତୁ ଯାହାକି ଅତି କମ୍‌ରେ 150ମିମି କାନ୍ଥ ଭିତରକୁ ରହିବ ।

### ପର୍ଯ୍ୟାୟ 2

ଚୟନିତ ସ୍ଥାନରେ ଆଉଟ୍‌ଡୋର ୟୁନିଟ୍‌କୁ ବସାନ୍ତୁ

- ଆଉଟ୍‌ଡୋର ୟୁନିଟ୍ ଉପରେ ସିଧାସଳଖ ସୂର୍ଯ୍ୟକିରଣ ପଡୁ ନ ଥିବ ।
- ଏହା ଏକ ଖୋଲା ସ୍ଥାନରେ ରଖାଯିବ, ବିଶେଷକରି ଖୋଲାଛାତରେ ଯଦ୍ଦ୍ୱାରା କଂପ୍ରେସର ଓ କଣ୍ଡେନ୍‌ସର ଉପରେ ପବନ ଅବାଧରେ ପ୍ରବାହିତ ହୋଇପାରିବ ।
- ଯଦି ଖୋଲାଛାତ ସୁବିଧା ନାହିଁ, ତେବେ ଏହା କାନ୍ଥ ଉପରେ ଛାଇ ପଡୁଥିବା ସ୍ଥାନରେ ରଖାଯାଇପାରିବ କିମ୍ବା ଆଙ୍ଗେଲ୍ ସହାୟତାରେ ଥିବା ବାହ୍ୟ କାନ୍ଥ ଉପରେ ରଖାଯାଇପାରିବ ।
- କଣ୍ଡେନ୍‌ସିଙ୍ଗ୍ ୟୁନିଟ୍‌କୁ ବସାଇବା ପୂର୍ବରୁ, ଏହାର ସ୍ଥାପନ ଓ ଶକ୍ତି ପାଇଁ ମାଉଂଟିଙ୍ଗ୍ ବ୍ରାକେଟ୍‌କୁ ଯାଂଚ୍ କରନ୍ତୁ ।
- ଆପଣ ନିଶ୍ଚିତ ହେବା ଆବଶ୍ୟକ ଯେ ୟୁନିଟ୍‌ର ପଛ ପଟେ ଓ ସାମ୍ନାରେ ଯଥେଷ୍ଟ ଜାଗା ରହିଛି । ଏହା ଗରମ ବାୟୁ ଶୋଷଣ (ସକ୍ସନ୍) ଦ୍ୱାରା ଛଡ଼ାଯିବା ପାଇଁ ଓ ୟୁନିଟ୍‌ର ଗରମ ବାୟୁ ଡିସ୍ଚାର୍ଜ କରିବା ପାଇଁ ଅଟେ ।
- କଣ୍ଡେନ୍‌ସିଙ୍ଗ୍ ୟୁନିଟ୍‌କୁ ଏପରି ଭାବେ ଲଗାନ୍ତୁ ଯେପରିକି ଏହା ସହଜରେ ମରାମତି କରାଯାଇପାରିବ । ଏହା ବାହାର ପଟ କାନ୍ଥରେ ଲଗାଯିବ ନାହିଁ ଯେଉଁଠିକି ମରାମତି କରିବା କଷ୍ଟକର ।
- ଆଙ୍ଗେଲ୍ ଫ୍ରେମ୍ ଓ ଆଉଟ୍‌ଡୋର ୟୁନିଟ୍ ମଧ୍ୟରେ ଭାଇବ୍ରେସନ୍ ପ୍ୟାଡ୍‌କୁ ରଖନ୍ତୁ, ଯେପରିକି ଏହା ଶବ୍ଦ କମାଇବ ।

### ପର୍ଯ୍ୟାୟ 3

ରେଫ୍ରିଜେରାଂଟ୍ ପାଇପ୍‌ଗୁଡ଼ିକୁ ଇନ୍‌ଡୋର ଓ ଆଉଟ୍‌ଡୋର ୟୁନିଟ୍ ସହିତ ବ୍ରାଜିଙ୍ଗ୍ ଦ୍ୱାରା କିମ୍ବା ଭାଲ୍‌ଭରେ ଫ୍ଲାୟର୍ ନଟ୍ ଦ୍ୱାରା ପରସ୍ପର ପ୍ରତି ସଂଯୋଗ କରନ୍ତୁ ।

- ଇନ୍‌ଡୋର ଓ ଆଉଟ୍‌ଡୋର ୟୁନିଟ୍ ମଧ୍ୟରେ ବ୍ୟବଧାନ 5ମିଟର କିମ୍ବା 15 ଫୁଟ୍‌ରୁ ଅଧିକ ହେବ ନାହିଁ ସର୍ବଦା କମ୍ପାନୀ ଦ୍ୱାରା ପ୍ରଦାନ କରାଯାଇଥିବା ଷ୍ଟାଣ୍ଡାର୍ଡ କିଟ୍ ବ୍ୟବହାର କରନ୍ତୁ ।
- ଏକ ସ୍ପ୍ଲିଟ୍ ଏସି ପାଇଁ ଆନ୍ତଃ-ସଂଯୁକ୍ତ କେବୁଲର ଯଥେଷ୍ଟ ବିଦ୍ୟୁତ୍ ପରିବହନ କ୍ଷମତା ଥିବା ନେଇ ନିଶ୍ଚିତ ହୁଅନ୍ତୁ।
- ଯଥାସମ୍ଭବ ପାଇପ୍‌ରେ ବାଙ୍କ ଏଡ଼ାନ୍ତୁ, ବିଶେଷକରି ଭୂଲମ୍ବ (ଭର୍ଟିକାଲ) ବାଙ୍କ, କାରଣ ଏଭଳି ବାଙ୍କ 5 ପିଏସ୍‌ଆଇଜି କ୍ଷତି କରିଥାଏ । ପିଏସ୍‌ଆଇଜି ହେଉଛି ପ୍ରେସର ପର୍ ସ୍କୋୟାର୍ ଇଂଚ୍ ଗେଜ୍ । ପିଏସ୍‌ଆଇଜି ହେଉଛି ପ୍ରେସରର ଏକ ୟୁନିଟ୍ । ଏହା ହେଉଛି ବଳରୁ ଆସୁଥିବା ପ୍ରେସର ଯାହା ଗୋଟିଏ ପାଉଣ୍ଡ ବଳ ଗୋଟିଏ ବର୍ଗ ଇଂଚ୍ ସ୍ଥାନରେ ପ୍ରୟୋଗ ହେବା ଫଳରେ ସୃଷ୍ଟି ହୁଏ ।

### ପର୍ଯ୍ୟାୟ 4

ଭ୍ୟାକୁମ୍ ପମ୍ପକୁ କଣ୍ଡିସନିଙ୍ଗ୍ ୟୁନିଟ୍ ଚାର୍ଜିଙ୍ଗ୍ ଲାଇନ୍ ଭାଲ୍‌ଭ ସହିତ ସଂଯୋଗ କରନ୍ତୁ । ସଂଯୋଗ କରିବା ପୂର୍ବରୁ, କେବୁଲ ସହିତ ସକ୍ସନ୍ ଓ ଲିକ୍ୱିଡ୍ ଲାଇନ୍ ଭାଲ୍‌ଭକୁ ପ୍ରସ୍ତୁତ କରନ୍ତୁ ।

### ପର୍ଯ୍ୟାୟ 5

ଭ୍ୟାକୁମ୍ ପମ୍ପକୁ ଷ୍ଟାର୍ଟ କରନ୍ତୁ ।

ଭ୍ୟାକୁମ୍ ପମ୍ପ ଷ୍ଟାର୍ଟ କରିବା ପୂର୍ବରୁ, ଗେଜ୍ ମାନିଫୋଲ୍‌ଡ ସେଟ୍‌କୁ ନମନୀୟ ଚାର୍ଜିଙ୍ଗ୍ ଲାଇନ୍ ସାହାଯ୍ୟରେ ଗ୍ୟାସ୍ ଚାର୍ଜିଙ୍ଗ ଭାଲ୍‌ଭ ସହିତ ସଂଯୋଗ କରନ୍ତୁ ।



2011 © IL&FS Skills Development Corporation Limited

- ଗେଜ୍ ମାନିଫୋଲ୍ଡ ସେଟ୍‌ର ସମସ୍ତ ଭାଲ୍‌ଭକୁ ଖୋଲନ୍ତୁ ।
- କମ୍ପାଉଣ୍ଡ ଗେଜ୍ ରିଡିଙ୍ଗ୍ ଶୂନ୍ୟ ଇଂଚ୍ ତଳକୁ ଯାଉଛି କି ନାହିଁ ଲକ୍ଷ୍ୟ କରନ୍ତୁ, ଏହାର ଅର୍ଥ ଭ୍ୟାକୁମ୍ ପମ୍ପ ଠିକ୍ ଭାବେ କାର୍ଯ୍ୟ କରୁଛି ।
- ଭ୍ୟାକୁମ୍ ଗେଜ୍ ରିଡିଙ୍ଗ୍ 29 ଛୁଇଁଲେ ଭାଲ୍‌ଭକୁ ଥରେ ବନ୍ଦ କରନ୍ତୁ ।

### ପର୍ଯ୍ୟାୟ 6

ଭ୍ୟାକୁମ୍ ଯାଂଚ୍ କରନ୍ତୁ ।

- ଭ୍ୟାକୁମ୍‌କୁ ଅନ୍ୟୁନ 15 ମିନିଟ୍ ପାଇଁ ଧରି ରଖନ୍ତୁ ।
- ରିଡିଙ୍ଗର ସ୍ଥିରତାରୁ ସେଥିରେ କୌଣସି ଲିକେଜ୍ ନ ଥିବା ଜଣାପଡ଼ିବ ।

### ପର୍ଯ୍ୟାୟ 7

ୟୁନିଟ୍ ଚାର୍ଜିଙ୍ଗ୍ ଆରମ୍ଭ କରିବା ।

- ଗେଜ୍ ମାନିଫୋଲ୍ଡ ସେଟ୍ ସହିତ ଗ୍ୟାସ୍ ସିଲିଣ୍ଡର ସଂଯୋଗ କରନ୍ତୁ ।
- ସିଲିଣ୍ଡର ଓଜନ କରନ୍ତୁ ଓ ସିଲିଣ୍ଡରର ଭାଲ୍‌ଭ ଖୋଲନ୍ତୁ ।
- ଚାର୍ଜିଙ୍ଗ୍ ଲାଇନ୍‌ରୁ ବାୟୁ ପରିଷ୍କରଣ ହେଉଥିବା ନିଶ୍ଚିତ ହୁଅନ୍ତୁ ।
- ଇଭାକୁଏଟେଡ୍ ୟୁନିଟ୍ ଦ୍ୱାରା ଶୋଷିତ ରେଫ୍ରିଜେରାଂଟ୍ ପରିମାଣ ନୋଟ୍ କରନ୍ତୁ ।
- ଚାର୍ଜିଙ୍ଗ୍ ସମୟରେ ଗ୍ୟାସ୍ ସିଲିଣ୍ଡରକୁ ସିଧା କରି ରଖନ୍ତୁ ।

### ପର୍ଯ୍ୟାୟ 8

ଗ୍ୟାସ୍ ଲିକ୍ ହେଉ ନ ଥିବା ନେଇ ନିଶ୍ଚିତ ହୁଅନ୍ତୁ ।

- ୟୁନିଟ୍‌କୁ ନାଇଟ୍ରୋଜେନ୍ ଗ୍ୟାସ୍ ସିଲିଣ୍ଡର ସହିତ ଗେଜ୍ ମାନିଫୋଲ୍ଡ ସେଟ୍ ସାହାଯ୍ୟରେ ସଂଯୋଗ କରନ୍ତୁ ।
- ପୁରା ସିଷ୍ଟମ୍‌ରେ ନାଇଟ୍ରୋଜେନ୍ ପ୍ରେସର୍ 150 ପିଏସ୍‌ଆଇଜି ପର୍ଯ୍ୟନ୍ତ ଦିଅନ୍ତୁ ।
- ସାବୁନ ଦ୍ରବଣ ସାହାଯ୍ୟରେ ସମସ୍ତ ଫ୍ଲେୟାର ହୋଇଥିବା କନେକ୍‌ସନ୍‌ରେ (ଇନ୍‌ଡୋର ଓ ଆଉଟ୍‌ଡୋର ୟୁନିଟ୍) ଲିକେଜ୍ ଯାଂଚ୍ କରନ୍ତୁ । ବ୍ରାଜିଙ୍ଗ୍ କନେକ୍‌ସନ୍ ମଧ ତଦାରଖ କରନ୍ତୁ ।
- 30ରୁ 45 ମିନିଟ୍ ପର୍ଯ୍ୟନ୍ତ ପ୍ରେସର୍‌କୁ ବଜାୟ ରଖନ୍ତୁ ଯଦି ଲିକେଜ୍ ରହିଛି ତେବେ ଆବଶ୍ୟକ ପଦକ୍ଷେପ ନିଅନ୍ତୁ, ଯେପରିକି ଫ୍ଲେୟାର୍ ନଟ୍‌କୁ ଟାଇଟ୍ କରନ୍ତୁ ଓ ଛିଦ୍ର ମରାମତି କରନ୍ତୁ ।

### ପର୍ଯ୍ୟାୟ 9

ୟୁନିଟ୍ ଷ୍ଟାର୍ଟ କରନ୍ତୁ ।

- ସିଷ୍ଟମ୍‌ର ସକ୍ସନ୍ ପ୍ରେସର ରିଡିଙ୍ଗ୍ 55ରୁ 65 ପିଏସ୍‌ଆଇଜି ମଧରେ ରଖନ୍ତୁ (ପାରିବେଶିକ ଅବସ୍ଥା ଅନୁସାରେ ଏହା ଭିନ୍ନ ହୋଇପାରେ) ।
- ୟୁନିଟ୍‌କୁ ଷ୍ଟାର୍ଟ କରନ୍ତୁ ଓ ସିଲିଣ୍ଡର୍ ଭାଲ୍‌ଭକୁ ଧୀରେ ଧୀରେ ଖୋଲନ୍ତୁ ।
- ଗ୍ୟାସ୍ ସହିତ ସିଷ୍ଟମ୍‌କୁ ଚାର୍ଜ କରିବା ପାଇଁ ୟୁନିଟ୍ ଚାର୍ଜିଙ୍ଗ୍ ଭାଲ୍‌ଭ ଖୋଲନ୍ତୁ ଏଥିପାଇଁ ସିଲିଣ୍ଡରକୁ ସିଧା କରି ରଖନ୍ତୁ ।
- ଚାର୍ଜିଙ୍ଗ ସଂପୂର୍ଣ୍ଣ କରନ୍ତୁ ।

- କୀଟାଣୁ ଓ ବାହ୍ୟ ପଦାର୍ଥ ଏଡ଼ାଇବା ପାଇଁ ଡ୍ରେନ୍ ପାଇପ୍‌ର ୟୁ - ଟ୍ରାପ୍ ରହିଥିବା ନେଇ ନିଶ୍ଚିତ ହୁଅନ୍ତୁ ।

## ୟୁନିଟ୍‌କୁ କାର୍ଯ୍ୟକ୍ଷମ କରିବା ଲାଗି ପ୍ରସ୍ତୁତ କରିବା

ଶେଷରେ ୟୁନିଟ୍ କାର୍ଯ୍ୟକ୍ଷମ ଲାଗି ପ୍ରସ୍ତୁତ କରାଯାଏ । ନିମ୍ନଲିଖିତ ପର୍ଯ୍ୟାୟଗୁଡ଼ିକ ପାଳନ କରାଯିବା ଆବଶ୍ୟକ :

### ପର୍ଯ୍ୟାୟ 1

ୟୁନିଟ୍ ସୁଇଚ୍ ଅନ୍ କରନ୍ତୁ ।

- ବିଦ୍ୟୁତ୍ ସପ୍ଲାଇ ସୁଇଚ୍ ଅନ୍ କରନ୍ତୁ ।
- ରିମୋଟ୍ ଉପରେ ପାୱାର ଅନ୍ / ଅଫ୍ ବଟନ ଦବାନ୍ତୁ ।

### ପର୍ଯ୍ୟାୟ 2

କୁଲିଙ୍ଗ୍ ଲାଗି ଇଭାପୋରେଟର୍ କଏଲ୍ ଯାଂଚ୍ କରନ୍ତୁ । ଗ୍ରୀଲ ଟେମ୍ପରେଚର୍ ଯାଂଚ୍ କରି ରେକର୍ଡ ରଖନ୍ତୁ ।

### ପର୍ଯ୍ୟାୟ 3

ଗରମ ବାୟୁ ବହିଷ୍କରଣ ପାଇଁ ଆଉଟ୍‌ଡୋର ୟୁନିଟ୍ ଯାଂଚ୍ କରନ୍ତୁ । କଣ୍ଡେନ୍‌ସରର ଇନ୍‌ଲେଟ୍ ଏୟାର୍ ଓ ଆଉଟ୍‌ଲେଟ୍ ଏୟାର୍‌ର ଟେମ୍ପରେଚର୍ ଦେଖନ୍ତୁ ।

### ପର୍ଯ୍ୟାୟ 4

ଘରକୁ ଥଣ୍ଡା ରଖିବା ପାଇଁ ସବୁ କବାଟ ଓ ଝରକା ବନ୍ଦ କରନ୍ତୁ ।

### ପର୍ଯ୍ୟାୟ 5

ତାମପାତ୍ରା ଯାଂଚ୍ କରନ୍ତୁ ।

- ଇନ୍‌ଡୋର୍ ୟୁନିଟ୍‌ର ସପ୍ଲାଇ ଓ ଘରର 3ଟି ମଝିମଝିଆ ସ୍ଥାନରେ ତାପମାତ୍ରା ଯାଂଚ୍ କରନ୍ତୁ ।
- ଏସିର ଗ୍ରୀଲ୍ ଟେମ୍ପରେଚର୍ ଯାଂଚ୍ କରନ୍ତୁ ।
- ରିଟର୍ଣ୍ଣ ଏୟାର୍‌ର ଟେମ୍ପରେଚର୍ ଯାଂଚ୍ କରନ୍ତୁ ।

### ପର୍ଯ୍ୟାୟ 6

ପୁଲ୍ ଡାଉନ୍ ସମୟ ପରେ ୟୁନିଟ୍ ଦ୍ୱାରା ସଂଗୃହୀତ କରେଂଟ୍ ଯାଂଚ୍ କରନ୍ତୁ ।

### ପର୍ଯ୍ୟାୟ 7

ଲଗ୍ ବୁକ୍‌ରେ ଟେମ୍ପରେଚର୍, ପ୍ରେସର୍, କରେଂଟ୍ ଇତ୍ୟାଦିର ସବିଶେଷ ବିବରଣୀ ଉଲ୍ଲେଖ କରନ୍ତୁ ।



2011 © IL&FS Skills Development Corporation Limited

## ମୁଖ୍ୟ ଶିକ୍ଷା

ଏଠାରେ ଶୈକ୍ଷିକ ଉପଲବ୍ଧିର ସାରାଂଶ ପ୍ରଦାନ କରନ୍ତୁ । ପ୍ରଦତ ସ୍ଥାନରେ ନିଜର ଉତର ଲେଖନ୍ତୁ ।

1. ଏକ ସ୍ପ୍ଲିଟ୍ ଏସିର ଆଉଟ୍‌ଡୋର୍ ୟୁନିଟ୍ ଲଗାଇବାର ପଦ୍ଧତି ବର୍ଣ୍ଣନା କରନ୍ତୁ ।

2. ୟୁନିଟ୍‌କୁ କାର୍ଯ୍ୟକ୍ଷମ କରିବା ପାଇଁ କେଉଁ ପର୍ଯ୍ୟାୟଗୁଡ଼ିକ ପାଳନ କରାଯିବା ଉଚିତ?



2011 © IL&FS Skills Development Corporation Limited

## ୱାର୍କସିଟ୍

1. ପ୍ରଶ୍ନଗୁଡ଼ିକ ପଢ଼ନ୍ତୁ । ସଠିକ୍ ଉତର ପାଖରେ ଠିକ୍ ଚିହ୍ନ ଦିଅନ୍ତୁ ।

   a. ଆଉଟ୍‌ଡୋର ୟୁନିଟ୍‌କୁ ବସାଇବା ପରେ କ'ଣ କରାଯିବା ଆବଶ୍ୟକ?

      i. ୟୁନିଟ୍‌ର ସୁଇଚ୍ ଅନ୍ କରିବା ☐

      ii. ରେଫ୍ରିଜେରାଂଟ୍ ପାଇପ୍‌ଗୁଡ଼ିକ ପରସ୍ପର ସହିତ ସଂଯୋଗ କରିବା ☐

      iii. ଭ୍ୟାକୁମ୍ ପମ୍ପ ଷ୍ଟାର୍ଟ କରିବା ☐

   b. ପାୱାର୍ ସକେଟ୍‌ର ଓୟାରିଙ୍ଗ ଯାଂଚ୍ କରିବା ପାଇଁ ନିମ୍ନୋକ୍ତ ମଧ୍ୟରୁ କେଉଁ ପଏଂଟ୍ ବିଚାରକୁ ନିଆଯିବା ଉଚିତ?

      i. ବ୍ୟବହାର ଅନୁଯାୟୀ ଇଲେକ୍ଟ୍ରିକାଲ ଓୟାରିଙ୍ଗ କ୍ଷମତା ହେବା ଉଚିତ । ☐

      ii. ପାୱାର ସକେଟ୍ ଏକ ଭଲ ବ୍ରାଣ୍ଡର ହୋଇଥିବ । ☐

      iii. ଉପଯୁକ୍ତ ଆର୍ଥିଙ୍ଗ କରାଯାଇଥିବ । ☐

## ଟିପ୍ପଣୀ

## ଉତ୍ତରଗୁଡ଼ିକ:ସ୍ପ୍ଲିଟ୍ ଏସି ସ୍ଥାପନ କରିବେ କିପରି

a. i ଏବଂ iii

b. ii



2011 © IL&FS Skills Development Corporation Limited

## IL&FS Skills Development Corporation Limited

(A Joint Initiative with National Skill Development Corporation)

**Mumbai Office:** IL&FS Education & Technology Services Ltd.,
Aditya Textile Industrial Compound, Corduroy Building, 2nd Floor, Safed Pool,
Andheri-Kurla Road, Mumbai - 400 072. Tel.: 022-6870 9292. www.ilfseducation.com

**Regd. Office:** IL&FS Skills Development Corporation Limited,
2nd Floor, Niryat Bhawan, Rao Tula Ram Marg, Opposite Army Hospital Research & Referral,
New Delhi - 110 057, India. www.isdc.in or email to us on info@isdc.in